# <u>ମୁକ୍ତେଶ୍ୱର ଉତ୍ସବର ଦ୍ୱିତୀୟ ସଂଧ୍ୟାରେ କାଞ୍ଚିଅଭିଯାନ ଅଭିନୟରେ ଦର୍ଶକ ବିଭୋର</u>

**ଭୁବନେଶ୍ୱର : ତା ୧୫.୦୧.୨୦୧୮ –** ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ପରିଚାଳିତ ମୁକ୍ତେଶ୍ୱର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଭରପୁର ଦର୍ଶକ ଓଡ଼ିଶୀ ନୃତ୍ୟକୁ ଉପଭୋଗ କରିଥିଲେ ।

ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ଶାଲିନି ପଟ୍ଟନାୟକଙ୍କ ପ୍ରସ୍ତୁତିରେ ଥିଲା **ପଞ୍ଚଭୁତ** ଏବଂ **ରୁଦ୍ର ମଙ୍ଗଳା** ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଅରୁଣା ମହାନ୍ତି ।

ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ଶିପ୍ରା ସ୍ୱାଇଁ ଓ ଐଶର୍ଯ୍ୟା ସିଂହଦେଓଙ୍କ ଦ୍ୱାରା ପ୍ରଥମେ ପରିବେଶିତ ହୋଇଥିଲା ଶୁଦ୍ଧ ଦୈବାତ ବିଭଶ **ପଲ୍ଲବୀ** ଯାହା ରାଗ ଶୁଦ୍ଧ ଦୈବାତ ବିଭଶ ଓ ଆଦିତାଳ ଉପରେ ନିବଦ୍ଧ ଥିଲା । ତାଙ୍କର ଦ୍ୱିତୀୟ ଅର୍ଘ୍ୟ ଥିଲା **ଅର୍ଦ୍ଧନାରୀଶ୍ୱର** ଯାହା ତାଳ – ତାଳମାଳିକା ଓ ରାଗ – ରାଗମାଳିକା ଉପରେ ପର୍ଯ୍ୟବେଶିତ ଥିଲା । ଯାହାର ସ୍ୱର ସଂଯୋଜନା କରିଥିଲେ ସୁରମଣୀ ରଘୁନାଥ ପାଣିଗ୍ରାହୀ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ରତିକାନ୍ତ ମହାପାତ୍ର । ପଦ, ଛନ୍ଦ, ଲୟର ଏକ କମନୀୟ ଉପସ୍ଥାପନା ତାଙ୍କ ପରିବେଷଣରେ ଦେଖିବାକୁ ମିଳିଥିଲା ।

ସଂଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ଦେବମିତ୍ର ସେନ୍‌ଗୁପ୍ତା ଓ ସାଥୀଙ୍କ ଦ୍ୱାରା ପରିବେଶିତ ଅଭିନୟ ପଦ୍ମାବତୀ ଓ ପୁରୁଷୋତ୍ତମଙ୍କ **କାଞ୍ଚିଅଭିଯାନ** ଯାହାର ସ୍ୱର ସଂଯୋଜନା କରିଥିଲେ ଗୁରୁ ଡ଼. ବିଜୟ ଜେନା ଏବଂ ନୃତ୍ୟ ସଂରଚନା କରିଥିଲେ ନିଜେ ଦେବମିତ୍ର ସେନ୍‌ଗୁପ୍ତା । ଅନ୍ତିମ କାର୍ଯ୍ୟକ୍ରମରେ ଦେବମିତ୍ରଙ୍କ ଦଳଗତ ନୃତ୍ୟ ଶେଷ ପର୍ଯ୍ୟନ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା ।

ସନ୍ଧ୍ୟାର ଅତିଥୀମାନେ ଥିଲେ ଡ଼. ସୀତାକାନ୍ତ ଦାସ, ଡ଼. ଅରୋବିନ୍ଦ ବେହେରା, ନିଳାଦ୍ରୀ ମୋହନ ଶତପଥୀ, ପ୍ରକାଶ ମହାପାତ୍ର, ଗୁରୁ ଡ଼. ବିଜୟ ଜେନା ଓ ଡ଼. ସଙ୍ଗୀତା ଗୋସାଇଁ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ଓ ଅନୁଜା ତାରିଣୀ ମିଶ୍ର । ଶୀତୁଆ ସନ୍ଧ୍ୟା ସ୍ୱତ୍ତ୍ୱେ ଦ୍ୱିତୀୟ ଦିବସରେ ଭରପୁର ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

---